# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

ଲିଜ ବିବିଧ (Lease Misc.) ମୋକଦ୍ଦମା ସଂଖ୍ୟା ୨୯ /୨୦୨୪

## ସର୍ବସାଧାରଣ ଇସ୍ତାହାର

ପ୍ରୋସେସ ସଂଖ୍ୟା. ୧୦୧୫ ତାରିଖ: ୧୦.୦୮.୨୦୨୫

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ଖୃଣ୍ଡା ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ସାଧାରଣ ପରିଚାଳକ (ଭୂ-ଅର୍ଜନ), ତଲାବିରା ୨ ଓ ୩ ଓ.ସି.ପି., ଏନ.ଏଲ.ସି,, ଇଣ୍ଡିଆ ଲିମିଟେଡ଼ ତାର ପଥର କୋଇଲା ପରିବହନ ରାସ୍ତାରେ ପାର୍କିଂ ସ୍ଥାନ (Parking Yard in Coal Transport Road) ନିର୍ମାଣ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯାଳୟରେ ଦରଖାସ୍ତ ଦାଖଲ କରିଛନ୍ତି ଓ ତତ ଅନୁସାରେ ପଦକ୍ଷେପ ନିଆଯିବ । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ ଆବାଦ ଯୋଗ୍ୟ ଅନାବାଦୀ ଖାତାରେ ବେର୍ଣ୍ଣା ସାଧାରଣ କିସମରେ ରେକର୍ଡ ଥାଇ ମନ୍ତବ୍ୟ ଖାନାରେ "ସାବକ କିସମ ଗୋଚର, ବେଆଇନ ଦଖଲ ଗୋବର୍ଦ୍ଧନ ଗୌଡ଼, ଗୋକୁଳ ଗୌଡ଼, ମକୁନ୍ଦ ଗୌଡ଼, ପିତା:ନିଲାଦ୍ରି ଗୌଡ଼, ଜାତି: ଗୌଡ଼ ବାସସ୍ଥାନ:ନିଜଗାଁ" ଥିବାରୁ ଉକ୍ତ ଜମିକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବା ପାଇଁ କିସମ ପରିବର୍ତନ ତଥା ମନ୍ତବ୍ୟ ଖାନାରେ ଥିବା ବେଆଇନ ଦଖଲ ନୋଟକୁ ବାଦ ଦେବା ଆବଶ୍ୟକ ପଡୁଅଛି ଓ ତତ ଅନୁଯାଇ ପଦକ୍ଷେପ ନିଆ ଯିବ ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ.୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ରକବା | କିସମ | ମନ୍ତବ୍ୟ |
|---|---|---|---|---|---|
| ଖୃଣ୍ଡା | ୨୪୭<br>(ଆ. ଯୋ. ଅ.) | ୪୭୧ | ୦.୦୮ | ବେର୍ଣ୍ଣା ସାଧାରଣ | ସାବକ କିସମ ଗୋଚର, ବେଆଇନ ଦଖଲ ଗୋବର୍ଦ୍ଧନ ଗୌଡ଼, ଗୋକୁଳ ଗୌଡ଼, ମକୁନ୍ଦ ଗୌଡ଼, ପିତା: ନିଲାଦ୍ରି ଗୌଡ଼, ଜାତି: ଗୌଡ଼, ବାସସ୍ଥାନ:ନିଜଗାଁ |
| ମୋଟ | ୧ ଖାତା | ୧ ପ୍ଲଟ | ୦.୦୮ | | |

ତହସିଲଦାର,ରେଙ୍ଗାଲି

ତହସିଲଦାର
ରେଙ୍ଗାଲି,ସମ୍ବଲପୁର

ଜ୍ଞାପକ ସଂଖ୍ୟା ୧୦୧୬ ତା: ୧୦.୦୮.୨୦୨୫

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ ଲପଙ୍ଗା ଙ୍କ କାର୍ଯାଳୟ / ଗ୍ରାମ ପଞ୍ଚାୟତ ଖୃଣ୍ଡା ଏବଂ ତହସିଲ କାର୍ଯାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣନ୍ସ ପରିଚାଳକ, ସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣା କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାରକୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି

ତହସିଲଦାର
ରେଙ୍ଗାଲି,ସମ୍ବଲପୁର